ସେନ୍‌ସେକ୍ସ

ସେନ୍‌ସେକ୍ସ
୩୪୩୦୦.୪୭(+୨୯୪.୭୧)
ନିଫ୍‌ଟି:
୧୦୫୩୯.୭୫ (+୮୪.୮୦)
ମିଡ୍‌କ୍ୟାପ୍:
୧୬୮୫୨.୪୬(+୨୧୭.୫୫)
ସ୍ମଲ୍‌କ୍ୟାପ୍:
୧୮୪୬୩.୩୮(+୨୯୦.୪୦)
କ୍ରୁଡ୍ ଅଏଲ୍:
୩୮୭୬.୦୦ (+୭୧.୦୦)
ଡଲାର: ୬୪.୩୯
ୟୁରୋ: ୭୯.୦୪
ପାଉଣ୍ଡ: ୮୯.୨୦
ୟେନ୍: ୦.୫୯
ଟପ୍ ଗେନର୍ସ ଆଣ୍ଡ ଲୁଜର୍ସ
ଟାଟା ଷ୍ଟିଲ୍
୭୧୨.୫୦(+୪.୨୨%)
ଏସ୍‌ବିଆଇ
୨୮୮.୫୦(-୨.୬୭%)

ଡିଜିଟାଲ୍ କାରବାର ପାଇଁ ପେମେଣ୍ଟ ଆପ୍ଲିକେଶନ୍



ନୂଆଦିଲ୍ଲୀ, ୧୨।୨/ଏଜେନ୍ସି: ସ୍ମାର୍ଟଫୋନ୍ ବ୍ୟବହାରକାରୀଙ୍କ ସଂଖ୍ୟା ବଢ଼ିବା ସହିତ ଇଣ୍ଟରନେଟ୍ ବ୍ୟବହାରକାରୀଙ୍କ ସଂଖ୍ୟା ମଧ ଦ୍ରୁତ ଗତିରେ ବଢ଼ିବାରେ ଲାଗିଛି । ସେହିପରି ଭାରତ ସରକାରଙ୍କ ତରଫରୁ 'ଡିଜିଟାଲ୍ ଇଣ୍ଡିଆ' ପ୍ରୟାସ ପାଇଁ ପ୍ରୋତ୍ସାହନ ବଢ଼ିବାକୁ ଆରମ୍ଭ କରିଥିବାରୁ ଡିଜିଟାଲ୍ କାରବାର ସରଳ ହେବା ଆରମ୍ଭ ହୋଇଛି । ଡିଜିଟାଲ୍ କାରବାର ପେମେଣ୍ଟ ଆପ୍ଲିକେଶନ୍ ସାହଯ୍ୟରେ ଅଳ୍ପ କିଛି ମିନିଟ୍ ମଧରେ ସରଳ ଉପାୟରେ ସମ୍ଭବ ହୋଇପାରୁଛି । କାହାପାଖକୁ ଟଙ୍କାପଠାଇବାର ଥିଲେ ବ୍ୟାଙ୍କର ଲମ୍ୱା ଲାଇନରେ ଛିଡ଼ା ହେବାକୁ ପଡୁନାହିଁ ଏପରିକି ଛୋଟଛୋଟ କାରବାର ପାଇଁ ନିକଟସ୍ଥ ଏଟିଏମ୍ ଖୋଜିବାକୁ ପଡୁନାହିଁ । ଏଥିପାଇଁ କୌଣସି ଫର୍ମ ଭରିବାକୁ ପଡୁନାହିଁ ବରଂ ଏସବୁ ଟେକ୍ନୋଲୋଜି ଏବଂ ୟୁପିଆଇ (ୟୁନିଫାଇଡ୍ ପେମେଣ୍ଟ ଇଣ୍ଟରଫେସ୍)କୋଡ୍ ଯୋଗେ ସମ୍ଭବ ହୋଇପାରିଛି । ନ୍ୟାସନାଲ ପେମେଣ୍ଟସ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ(ଏନ୍‌ପିସିଆଇ) ତରଫରୁ ଜାରି କରାଯାଇଥିବା ଏହି କୋଡ୍ ଉଭୟ ଆଣ୍ଡ୍ରୋଏଡ୍ ଏବଂ ଆଇଫୋନ୍‌ରେ ସହଜରେ କାମ କରିଥାଏ । ଖୁବ୍ ଶୀଘ୍ର ଅନ୍ୟ ଅପରେଟିଙ୍ଗ୍ ସିଷ୍ଟମ୍‌ରେ ମଧ କାର୍ଯ୍ୟକାରୀ ହେବ । ୟୁପିଆଇ ଏପରି ଏକ ପ୍ଲାଟଫର୍ମ ଯାହାଦ୍ୱାରା ଟଙ୍କା ପଠେଇବାକୁ ଚାହଁଥିବା ବ୍ୟକ୍ତି ସିଧାସଳଖ ଅନ୍ୟ ଜଣଙ୍କ ଆକାଉଣ୍ଟକୁ ଟଙ୍କା ପଠାଇ ହେବ । ଏଥିପାଇଁ ଆପ୍ଲିକେଶନ୍‌ର ୱାଲେଟକୁ ଟଙ୍କା ଆଣିବାକୁ ପଡ଼ିବନାହିଁ କିମ୍ବା ଡେବିଟ୍ କାର୍ଡ, କ୍ରେଡିଟ୍ କାର୍ଡ ପରି ଦୋହରା ଉପାୟ ଅବଲମ୍ବନ କରିବାକୁ ପଡ଼ିବ ନାହିଁ । କିଛିଦିନ ତଳେ ମେସେଞ୍ଜର୍ ଆପ୍ଲିକେଶନ୍ ହ୍ୱାଟସ୍‌ଆପ୍‌ରେ ପେମେଣ୍ଟ ସୁବିଧା ଆରମ୍ଭ ହେବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ମାତ୍ର ଏହା ଡିଜିଟାଲ୍ କାରବାରରେ ଯୋଗ ଦେଇଥିବା ପ୍ରଥମ ମେସେଞ୍ଜର ଆପ୍ଲିକେଶନ୍ ନୁହେଁ । ପୂର୍ବରୁ ସ୍ୱଦେଶୀ ହାଇକ୍ ମେସେଞ୍ଜର୍ ଏବଂ ପେଟିଏମ୍ ଇନ୍‌ବକ୍ସରେ ମଧ ସାଙ୍ଗମାନଙ୍କୁ ତତ୍କାଳୀନ ଟଙ୍କା ପଠାଇବାର ସୁବିଧା ଆରମ୍ଭ କରିଥିଲେ ।

ହ୍ୱାଟ୍‌ସଆପ୍‌ରେ ୟୁପିଆଇ: ଅପଡେଟ୍ ହୋଇସାରିଥିବା ହ୍ୱାଟ୍ସଅପ୍‌ର ସେଟିଙ୍ଗ୍‌ସ ବିକଳ୍ପରେ ପେମେଣ୍ଟର ବିକଳ୍ପ ରହିଛି । ଏହାକୁ ଦବାଇଲେ ଭେରିଫିକେଶନ ପୃଷ୍ଠା ଖୋଲିଯିବ । ବ୍ୟାଙ୍କ ଆକାଉଣ୍ଟ ସହିତ ସଂଯୁକ୍ତ ମୋବାଇଲ୍ ନମ୍ବର ଭେରିଫିକେଶନ୍ କରାଯାଇପାରିବ । ଭେଫିକେଶନ୍ ପ୍ରକ୍ରିୟା ଗୁଗୁଲ୍ ତେଜ୍ ସହିତ ସମ୍ପୂର୍ଣ୍ଣ ସମାନ । ଯେଉଁମାନେ ପୂର୍ବରୁ ୟୁପିଆଇ ବ୍ୟବହାର କରିସାରିଛନ୍ତି, ସେମାନେ ଓଟିପି ସାହାଯ୍ୟରେ ୪ଟିକିଆ ୟୁପିଆଇପିନ୍ ପାଇପାରିବେ ଯାହାଦ୍ୱାରା ଡିଜିଟାଲ୍ ପେମେଣ୍ଟ ହୋଇଥାଏ । ହ୍ୱାଟସ୍‌ଆପ୍ ବନ୍ଧୁଙ୍କର ଚାଟ୍‌ବକ୍ସକୁ ଯାଇ ଆଟାଚମେଣ୍ଟ୍ ବଟନ୍‌କୁ ଦବାଇ ପେମେଣ୍ଟ ପ୍ରକ୍ରିୟା ଆରମ୍ଭ କରିପାରିବେ ।

ପେଟିଏମ୍‌ରେ ୟୁପିଆଇ: ପେଟିଏମ୍ ଆପ୍ଲିକେଶନ୍‌ର ମୁଖ୍ୟପୃଷ୍ଠାରେ ହିଁ ଇନ୍‌ବକ୍ସ ବିକଳ୍ପ ରହିଛି । ବନ୍ଧୁମାନଙ୍କ ସହିତ ଚାଟ୍ କରିହେବା ସହିତ ଚାଟ୍‌ବକ୍ସର ନିମ୍ନାଂଶରେ ରହିଥିବା ରୁପି (ଭାରତୀୟମୁଦ୍ରା) ଚିହ୍ନଟିକୁ ଦବାଇ ପେମେଣ୍ଟ କରାଯାଇପାରିବ । ଏହାପୂର୍ବରୁ ଭୀମ୍ ୟୁପିଆଇରେ ୟୁପିଆଇ ରେଜିଷ୍ଟ୍ରେସନ୍ କରିବାକୁ ପଡ଼ିବ । ବ୍ୟବସାୟୀମାନଙ୍କ ସହିତ ମଧ କାରବାର କରିହେବ । ଏଥିରେ ପେମେଣ୍ଟ ଗ୍ରହୀତାଙ୍କ ଆଧାର ନମ୍ବର ଏବଂ କ୍ୟୁଆର୍ କୋଡ୍ ଯୋଗେ ମଧ କାରବାର କରିହେବ ଯାହାକି ହ୍ୱାଟସ୍‌ଆପ୍‌ରେ ଉପଲବ୍ଧ ନାହିଁ ।

ଗୁଗୁଲ ତେଜ୍‌ରେ ୟୁପିଆଇ: ମେସେଞ୍ଜର ପରି ସୁବିଧା ରହିଥିଲେ ମଧ ଗୁଗୁଲ୍ ତେଜ୍ ମୁଖ୍ୟତଃ ଏକ ପେମେଣ୍ଟ ଆପ୍ଲିକେଶନ୍ । ମୁଖ୍ୟପୃଷ୍ଠା ବା ହୋମ୍ ପେଜ୍‌ରେ ହିଁ ପେମେଣ୍ଟର ବିକଳ୍ପ ରହିଛି । ଏଥିରେ ନିଜର ଗୁଗୁଲ୍ କଣ୍ଟାକ୍ଟଗୁଡ଼ିକୁ ଟଙ୍କା ପଠାଇବା ସହିତ ଡିଟିଏଚ୍ ରିଚାର୍ଜ, ସନେମା ଟିକେଟ୍, ଅନ୍‌ଲାଇନ୍ ଷ୍ଟୋର୍, ଇଲେକ୍ଟ୍ରି ବିଲ୍ ଆଦି ପେମେଣ୍ଟ କରିହେବ । ଆକାଉଣ୍ଟ ନମ୍ବର ଏବଂ ଆଇଏଫ୍‌ସି କୋଡ୍‌ର ବ୍ୟବହାର କରି ମଧ ଏପରି ଡିଜିଟାଲ କାରବାର କରାଯାଇପାରିବ ।

ତ୍ୱରିତ ଉପାୟରେ ଟଙ୍କା ପଠାଇବାରେ ଭୀମ୍ ୟୁପିଆଇ ମଧ ଏକ ଅଗ୍ରଣୀ ଡିଜିଟାଲ୍ ପେମେଣ୍ଟ ଆପ୍ଲିକେଶନ୍ । ହ୍ୱାଟ୍‌ସଆପ୍‌ରେ କେବଳ ନିଜର ବନ୍ଧୁମାନଙ୍କୁ ପଠାଇହେବା ସମ୍ଭବ ହୋଇପାରୁଛି କିନ୍ତୁ ଉଭୟ ବ୍ୟବହାରକାରୀଙ୍କୁ ଏହି ଆପ୍ଲିକେଶନ୍‌କୁ ଅପଡେଟ୍ କରିବାକୁ ପଡୁଛି । ଗୁଗୁଲ ତେଜ୍‌ରେ ଯେକୌଣସି ବ୍ୟାଙ୍କ୍ ଉପଭୋକ୍ତାଙ୍କୁ ଟଙ୍କା ପଠାଇ ହେବ, ଉପଭୋକ୍ତା ସ୍ମାର୍ଟଫୋନ୍ ବ୍ୟବହାରକାରୀ ହୋଇଥିବା ଜରୁରୀ ନୁହେଁ । ଡିଜିଟାଲ ପେମେଣ୍ଟରେ କ୍ୟାଶବ୍ୟାକ୍‌ର ସୁବିଧା ରହିଥିବାରୁ ଏହାର ଆଦୃତି ବଢ଼ିବାରେ ଲାଗିଛି ।

ସୁଲେଫେଷ୍ଟ୍‌ର ୧୧ତମ ମେଗା ମ୍ୟୁଜିକ୍ ସଂସ୍କରଣ

ନୂଆଦିଲ୍ଲୀ,୧୨।୨/ଏଜେନ୍ସି: ଭାରତର ଅଗ୍ରଣୀ ୱାଇନ୍ କମ୍ପାନୀ ସୁଲା ଭିନେୟାର୍ଡର ୧୧ତମ ମେଗା ମ୍ୟୁଜିକ୍ ସଂସ୍କରଣ ସୁଲେଫେଷ୍ଟ ୨୦୧୮ ଶେଷ ହୋଇଛି । ଦୁଇ ଦିନିଆ ମେଗା ଉତ୍ସବ ପାଳନ ପାଇଁ କମ୍ପାନୀ ପକ୍ଷରୁ ନାସିକ୍‌ଠାରେ ସ୍ୱତନ୍ତ୍ର ଯୋଜନା ଆୟୋଜନ କରାଯାଇଥିଲା । ଏହି ଉତ୍ସବରେ ଦର୍ଶକଙ୍କୁ ବିଶ୍ୱସ୍ତରୀୟ ଖାଦ୍ୟ ସାମଗ୍ରୀ ଓ ପାନୀୟ ଉପଲବ୍ଧ କରାଯାଇଥିଲା ।ଏଥିରେ ୧୦୦ରୁ ଅଧିକ ଭାରତୀୟ ତଥା ଅନ୍ତର୍ଜାତୀୟ କଳାକାର ଯୋଗଦେବା ସହିତ ବଲିଉଡ କଳାକାର ଅମିତ୍ ତ୍ରିବେଦୀ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ । ବିଭିନ୍ନ କାର୍ଯ୍ୟକ୍ରମ ମଧରେ ଜିପ୍ସି ହିଲ୍, କ୍ରିଷ୍ଟାଲ ଫାଇଟର, ପାରୋଭ ଷ୍ଟେଲର, ବୁକ୍‌ଲାଙ୍ଗ୍ ଆଦି ୨ଟି ମଞ୍ଚରେ ପ୍ରଦର୍ଶିତ ହୋଇଥିଲା । ସେହିପରି ଏହି ଅବସରରେ ଓରିଏଣ୍ଟାଟାଲ୍, ମୋଗଲାଇ, ଇଣ୍ଡିଆନ୍, ଚାଇନିଜ୍ ଆଦି ଖାଦ୍ୟ ପରିବେଷଣ କରାଯାଇଥିଲା । ଏଠାରେ ବେଲୁଗା, ହାର୍ଡିସ୍, ମଡ୍ ହାଉସ୍, କୁମାଲା, ଆଶିହି, କଂଟ୍ରିୟୁ, ହାଇଲ୍ୟାଣ୍ଡ କୁଇନ୍, ପିଟୁ କାଚା ଆଦି ନିଜର ସମ୍ଭାର ଉପଲବ୍ଧ କରାଇଥିଲେ । ଏହି ଅବସରରେ ସୁଲେ ଭିନେୟାର୍ଡର ସିଇଓ ତଥା ପ୍ରତିଷ୍ଠାତା ରାଜୀବ ସାମନ୍ତ କହିଥିଲେ, "ଏହି ୧୧ତମ ସଂସ୍କରଣ ବେଶ୍ ଆନନ୍ଦମୟ ଥିଲା । ଦର୍ଶକ ଏଠାରୁ ଅନେକ ଅନୁଭୂତି ହାସଲ କରିଛନ୍ତି ।, ଯାହାକି ସ୍ମୃତି ବହୁଳ ହୋଇ ପାରିବ ।" ୨୦୧୭ ମାର୍ଚ୍ଚରେ କମ୍ପାନୀ ଭାରତର ପ୍ରଥମ ହେରିଟେଜ୍ ୱାଇନାରୀ ରିସୋର୍ଟ ସ୍ଥାପିତ କରିଥିଲା । ଗତବର୍ଷ ସୁଲେଫେଷ୍ଟରେ ୨,୫୦,୦୦୦ରୁ ଅଧିକ ଦର୍ଶକ ଯୋଗଦେଇଥିଲେ । ୨୦୧୬ ରେ ଏହି କମ୍ପାନୀ ଡ୍ରିଙ୍କସ୍ ବିଜନେସ୍ ଆୱାର୍ଡ ହାସଲ କରିଥିଲା ।

ଟାଟା ଷ୍ଟିଲ୍‌ର ପ୍ରଥମ ୯ ମାସର ଆର୍ଥିକ ବିବରଣୀ

TATA
TATA STEEL

ମୁମ୍ବାଇ, ୧୨।୨/ଏଜେନ୍ସି:
ଟାଟା ଷ୍ଟିଲ ଲିମିଟେଡ଼ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ତୃତୀୟ ତ୍ରୟମାସିକ ତଥା ବର୍ଷର ପ୍ରଥମ ୯ ମାସର ଆର୍ଥିକ ବିବରଣୀ ଘୋଷଣା କରାଯାଇଛି । ତୃତୀୟ ତ୍ରୟମାସରେ କଂପାନୀର ଉତ୍ପାଦନ ୩.୨୭ ନିୟୁତ ଟନ୍ ହୋଇଥିବାବେଳେ ପ୍ରଥମ ୯ ମାସରେ ଉତ୍ପାଦନ ପରିମାଣ ୬.୪୯ ନିୟୁତ ଟନ୍ ରହିଛି । ଏହି ସମୟରେ ଇସ୍ପାତ ଯୋଗାଣ ଯଥାକ୍ରମେ ୩.୩୦ ନିୟୁତ ଟନ୍ ଓ ୬.୫୬ ନିୟୁତ ଟନ୍ ରହିଛି । ପ୍ରଥମ ତ୍ରୟମାସରେ ମୋଟ କାରବାର ପରିମାଣ ୧୫,୫୯୬ କୋଟି ଟଙ୍କା ହୋଇଥିବାବେଳେ ପ୍ରଥମ ୯ ମାସର କାରବାର ପରିମାଣ ୩୩,୪୪୭ କୋଟି ଟଙ୍କା ରହିଛି । ପ୍ରଥମ ତ୍ରୟମାସରେ ୪୬୪୭ ହୋଇଥିବାବେଳେ ପ୍ରଥମ ୯ ମାସରେ ୫୮୦୧ ହୋଇଛି । କଂପାନୀର ମୋଟ ଆୟ ଏହି ସମୟରେ ଯଥାକ୍ରମେ ୧୪୭୪ ଓ ୧୩୨୫ କୋଟି ଟଙ୍କା ରହିଛି । କଳିଙ୍ଗନଗରସ୍ଥିତ ଟାଟା ଷ୍ଟିଲ ପ୍ରକଳ୍ପର କ୍ଷମତା ୫ ନିୟୁତ ଟନ୍‌କୁ ବୃଦ୍ଧି ପାଇଁ କଂପାନୀ ବୋର୍ଡ଼ ଅନୁମୋଦନ କରିଛି । ଏଥିପାଇଁ ୨୩୫୦୦ କୋଟି ଟଙ୍କା ବ୍ୟୟ କରାଯିବ ଏବଂ ପ୍ରକଳ୍ପ କାର୍ଯ୍ୟ ୪ ବର୍ଷ ମଧ୍ୟରେ ଶେଷ ହେବ । ୧୨୮୦୦ କୋଟି ଟଙ୍କାର ଅଂଶଧନ ସଂଗ୍ରହ ପ୍ରସ୍ତାବକୁ ବୋର୍ଡ଼ ମଞ୍ଜୁରୀ ପ୍ରଦାନ କରିଛି । ଫେବୃୟାରୀ ୧୪ରୁ ଅଂଶଧନ ସଂଗ୍ରହ ଆରମ୍ଭ ହୋଇ ୨୮ରେ ବନ୍ଦ ହେବ । କଂପାନୀର ପରିଚାଳନା ନିର୍ଦ୍ଦେଶକ ଟି.ଭି.ନରେନ୍ଦ୍ରନ କହିଛନ୍ତି, "ଚୀନରେ ବ୍ୟବସାୟିକ କାରବାର କ୍ଷେତ୍ରରେ ଉନ୍ନତି ଘଟିଥିବାରୁ ବିଶ୍ୱ ବଜାରରେ ଇସ୍ପାତ ଦରରେ ମଧ୍ୟ ଉନ୍ନତି ଘଟିଛି । ଗତ ୯ ମାସରେ କଂପାନୀର ଫଳାଫଳ ଉତ୍ତମ ରହିଛି ଏବଂ ଆଗାମୀ ଦିନରେ ଏହା ବଜାୟ ରହିବ" କଂପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସିଏଫଓ କୌଶିକ ଚାଟାର୍ଜୀ କହିଛନ୍ତି ଯେ, ବିଶ୍ୱର ବିଭିନ୍ନ ଭାଗରେ ଟାଟା ଷ୍ଟିଲ ରାଜସ୍ୱ ଅଭିବୃଦ୍ଧିରେ ଉନ୍ନତି ପରିଲକ୍ଷିତ ହୋଇଛି । ଏହି ସମୟରେ ମୋଟ ଋଣ ପରିମାଣ ୧୬୫୮ କୋଟି ଟଙ୍କା ହ୍ରାସ ପାଇଛି ।

ଇନଫିନିକ୍ସର ହଟ୍ ଏସ୍-୩ ସେଲଫି ସ୍ମାର୍ଟଫୋନ୍

ଭୁବନେଶ୍ୱର, ୧୨।୨/ଏଜେନ୍ସି: ସ୍ମାର୍ଟଫୋନ୍ ବ୍ରାଣ୍ଡ୍ ଇନଫିନିକ୍ସର ହଟ୍ ଏସ୍-୩ ସେଲଫି ସ୍ମାର୍ଟଫୋନ୍‌ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା କରାଯାଇଛି । ଏଥିରେ ୨୦ ମେଗା ପିକ୍ସେଲ୍ ଲୋ-ଲାଇଟ୍ ସେଲଫି କ୍ୟାମେରା ସହିତ ଡୁଆଲ୍ ସଫ୍ଟ ଫ୍ଲାଶ୍ ଲାଇଟ୍ ରହିଛି । ଏହା ଆଜି ଅର୍ଥାତ ଫେବୃୟାରୀ ୧୨ ତାରିଖ ଠାରୁ ଫ୍ଲିପ୍‌କାର୍ଟରେ ପ୍ରଥମ କରି ଉପଲବ୍ଧ ହେବ । ଏହାର ୫.୬୫ ଇଂଚ ଏଚଡି ପ୍ଲସ୍ ଡିସପ୍ଲେ ଓ ୨.୫ ଡି କର୍ଭଡ୍ ଏଡଜ୍ ତଥା ଫିଙ୍ଗର ପ୍ରିଂଟ୍ ସେନ୍‌ସର ରହିଛି । ଏହାର ୩ଜିବି ରାମ୍ ଓ ୩୨ ଜିବି ଇଣ୍ଟରନାଲ ମେମୋରୀ ଥିବା ସ୍ମାର୍ଟଫୋନ୍‌ର ମୂଲ୍ୟ ୮,୯୯୯ଟଙ୍କା ଏବଂ ୪ଜିବି ରାମ୍ ଓ ୬୪ ଜିବି ଇଣ୍ଟରନାଲ ମେମୋରୀ ଥିବା ଫୋନ୍‌ର ମୂଲ୍ୟ ୧୦,୯୯୯ଟଙ୍କା ରହିଛି ।୨୦୧୭ ଅଗଷ୍ଟରେ କମ୍ପାନୀ ନୋଟ୍-୪ ଏବଂ ହଟ୍ ପ୍ରୋ-୪ର ବଜାର ପ୍ରବେଶ କରାଇଥିଲା । ପରବର୍ତ୍ତୀ ସମୟରେ ଏହା ଜିରୋ-୫ ସ୍ମାର୍ଟଫୋନ୍‌ର ବଜାର ପ୍ରବେଶ କରାଇଥିଲା । ଇନ୍‌ଫିନିକ୍ସ ଇଣ୍ଡିଆର ସିଇଓ ଶ୍ରୀ ଅନିଶ କାପୁର କହିଛନ୍ତି, "ଗ୍ରାହକଙ୍କୁ ଆକୃଷ୍ଟ କରିବା ପାଇଁ ଏହି ସିରିଜ୍‌ରେ ଆମେ କ୍ୟାମେରା ଉପରେ ଅଧିକ ଧ୍ୟାନ ଦେଇଥାଉ । ହଟ୍ ଏସ୍-୩ ଭାରତରେ ପ୍ରଥମ କରି ବଜାର ପ୍ରବେଶ ହୋଇଛି । ଏହା ପେଶାଦାରଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ । ସ୍ମାର୍ଟଫୋନ୍‌ରେ ଅକ୍ଟାକୋର୍ ୬୪-ବିଟ୍ କ୍ୱାଲକମ୍ ସ୍ନାପଡ୍ରାଗନ୍ ୪୩୦ ପ୍ରୋସେସର, ୨୦ ମେଗା ପିକ୍ସେଲ ସେଲଫି କ୍ୟାମେରା, ୪୦୦୦ ଏମଏଏଚ୍ ସୁପର ବ୍ୟାଟେରୀ ଆଦି ରହିଛି ।"

ଆମ ରାଜ୍ୟ

ଦଳିତ ଆଦିବାସୀ ସୁରକ୍ଷା ମଞ୍ଚର ବିକ୍ଷୋଭ

ଭୁବନେଶ୍ୱର,୧୨।୨/ଏନ୍‌ଏନ୍‌ଏସ୍: ୧୨ଦଫା ଦାବିରେ ଦଳିତ ଆଦିବାସୀ ସୁରକ୍ଷା ମଞ୍ଚ ଓଡ଼ିଶା (ଡିଏଏସ୍‌ଏମ୍‌ଓ) ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରିଛି । ସର୍ବସାଧାରଣ ଯାତାୟାତ ରାସ୍ତାରେ ଦଳିତଙ୍କୁ ନିର୍ଦ୍ଵନ୍ଦ୍ୱରେ ଯିବାର ଅଧିକାର, କୋମଳମତି ଦଳିତ ଶିଶୁଙ୍କୁ ଅଙ୍ଗନୱାଡ଼ି କେନ୍ଦ୍ରରେ ଖାଦ୍ୟ ଓ ଶିକ୍ଷାଦାନରୁ ବଞ୍ଚିତ କରା ନଯିବା, ଦଳିତ ବିରୋଧୀ କାର୍ଯ୍ୟ କରୁଥିବା ଗ୍ରାମମୁଖିଆ ଓ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ, କୋଠ ପୋଖରୀ ମାଛ ମରାରେ ଦଳିତଙ୍କୁ ସମାନ ଅଧିକାର ଆଦି ୧୨ ଦଫା ଦାବିରେ ବିକ୍ଷୋଭ କରିଛି ଡିଏଏସ୍‌ଏମ୍‌ଓ ।

ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟର ୮୦ବର୍ଷ ପୂର୍ତ୍ତି ଉତ୍ସବ

ପୁରୀ,୧୨।୨/ଏନ୍‌ଏନ୍‌ଏସ୍: ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ୮୦ବର୍ଷ ପୂର୍ତ୍ତି ଉତ୍ସବ ପୁରୀଶାଖା ତରଫରୁ ସାଗର ବେଳାରେ ଥିବା ଈଶ୍ୱରୀୟ ରାଜଯୋଗ ସାଧନା କେନ୍ଦ୍ରରେ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବିନାୟକ ରଥ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଅଲେଖ ଚନ୍ଦ୍ର ଷଡ଼ଙ୍ଗୀ, ପ୍ରଫେସର ନୀଳକଣ୍ଠ ପତି, ସ୍ୱାସ୍ଥ୍ୟ ବିଭାଗର ପୂର୍ବତନ ନିର୍ଦ୍ଦେଶକ ଡା. ଡି ଷଡ଼ଙ୍ଗୀ, ଡା. ବଟକୃଷ୍ଣ ପୃଷ୍ଟି, ଲଣ୍ଡନର ବରିଷ୍ଠ ରାଜଯୋଗ ଶିକ୍ଷୟିତ୍ରୀ ଭଗିନୀ ନାନସି ସୁଟୟାରଟ, ଇଂ. ଶରଦ ହିମାଦ୍ରୀ, ସାଧନା କେନ୍ଦ୍ରର ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ଡଃ ନିରୁପମା, ସହନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ପ୍ରତିମା ସମ୍ମାନିତ ଅତିଥି, ରାଜସ୍ଥାନର ମାଉଣ୍ଟଆବୁସ୍ଥିତ ଗ୍ଲୋବାଲ ହସ୍ପିଟାଲର ମଧୁମେହ ରୋଗ ବିଶେଷଜ୍ଞ ଶ୍ରୀମନ୍ତ କୁମାର ପରମାତ୍ମା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ରାଜଯୋଗିନୀ ଡଃ ନିରୁପମା କହିଥିଲେ ଯେ, ପରମାତ୍ମାଙ୍କ ସ୍ମରଣ ହିଁ ଆତ୍ମାକୁ ସଶକ୍ତ କରାଇଥାଏ । ଡା. ସତ୍ୟାନନ୍ଦ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

ଟ୍ରେଷ୍ଟି ସିକ୍ୟୁରିଟି ସଂସ୍ଥା ନିର୍ଦ୍ଦେଶକଙ୍କ ଜାମିନ ଖାରଜ

କଟକ,୧୨।୨/ଏନ୍‌ଏନ୍‌ଏସ୍: କଟକର ସ୍ୱତନ୍ତ୍ର ଚିଟ୍‌ଫଣ୍ଡ କୋର୍ଟରେ ଆଜି ଟ୍ରେଷ୍ଟି ସିକ୍ୟୁରିଟି ଲିମିଟେଡ୍‌ର ଚିଟ୍‌ଫଣ୍ଡ ସଂସ୍ଥାର ନିର୍ଦ୍ଦେଶକ ହରି ଅର୍ଜୁନ ପଣ୍ଡାଙ୍କ ଜାମିନ ଖାରଜ ହୋଇଯାଇଛି । ବିଭିନ୍ନ ଯୋଜନା ମାଧମରେ ସଂସ୍ଥା ଲୋକଙ୍କ ଅର୍ଥକୁ ସ୍ୱଳ୍ପ ସମୟରେ ଦୁଇଗୁଣ କରିବାର ଲୋଭ ଦେଖାଇ ଜମାକାରୀଙ୍କ ନିକଟରୁ ସଂସ୍ଥା ୮କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଅଭିଯୋଗ ହୋଇଥିଲା । ରାଜଧାନୀ ଭୁବନେଶ୍ୱରର ଜୟଦେବ ବିହାର ନିକଟରେ ଟ୍ରେଷ୍ଟି ସିକ୍ୟୁରିଟି ଲିମିଟେଡ୍‌ର ସଂସ୍ଥା ଏହାର ମୁଖ୍ୟ କାର୍ଯ୍ୟାଳୟ ଖୋଲି ଲୋକଙ୍କ ନିକଟରୁ କୋଟି କୋଟି ଟଙ୍କା ଠକି ନେଇଥିବା ଅଭିଯୋଗ ହେବାପରେ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ପକ୍ଷରୁ ଏ ନେଇ ଏକ ମାମଲା (୧୪/୨୦୧୫) ଆଧାରରେ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଦୟାନିଧି ମହାପାତ୍ର, ନିର୍ଦ୍ଦେଶକ ଯଥାକ୍ରମେ ହରି ଅର୍ଜୁନ ପଣ୍ଡା, ରଶ୍ମିରଞ୍ଜନ ମହାପାତ୍ର , ତାରାପଦ ଗିରି, ବିଶ୍ୱଜିତ ରାଉତ, ଅଶୋକ କୁମାର ରାଉତ, ଗୌରାଙ୍ଗ ଚରଣ ସାହୁ ପ୍ରମୁଖଙ୍କ ନାମରେ ମାମଲା ରୁଜୁ କରିଥିଲା ।

ଏହା ପରେ ଗତବର୍ଷ ନଭେମ୍ବର ୧୪ ତାରିଖରେ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ଦୟାନିଧିଙ୍କୁ ନାସିକରୁ ଓ ପରେ ରଶ୍ମିରଞ୍ଜନ, ନିର୍ଦ୍ଦେଶକ ହରି ଅର୍ଜୁନ ପଣ୍ଡା ଓ ରଶ୍ମିରଞ୍ଜନ ପଣ୍ଡା, ତାରାପଦ ଗିରି ପ୍ରମୁଖଙ୍କୁ ଗିରଫ କରିଥିଲା । ଏହି ମାମଲାରେ ତାଙ୍କ ବିରୋଧରେ ଆଠକୋଟି ଟଙ୍କା ଠକେଇ ଅଭିଯୋଗ ରହିଥିବାବେଳେ ନିକଟରେ କ୍ରାଇମ୍‌ବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା ତାଙ୍କ ବିରୋଧରେ ଅଭିଯୋଗପର୍ଦ୍ଦ ଦାଖଲ କରିଛି । ଦାଖଲ ଅଭିଯୋଗପର୍ଦ୍ଦରେ କ୍ରାଇମ୍‌ବ୍ରାଞ୍ଚ୍ ସଂସ୍ଥାର ପରିଚାଳନା ନିର୍ଦ୍ଦେଶକ ଦୟାନିଧି ମହାପାତ୍ର, ନିର୍ଦ୍ଦେଶକ ଯଥାକ୍ରମେ ହରି ଅର୍ଜୁନ ପଣ୍ଡା ଓରଫ ବାବୁ, ରଶ୍ମି ରଞ୍ଜନ ମହାପାତ୍ର, ଶଶିଭୂଷଣ ଦାସ, ଅଶୋକ କୁମାର ରାଉତ ଓ ସଂସ୍ଥାର ନାମ ଉଲ୍ଲେଖ କରିଛି । କ୍ରାଇମ୍‌ବ୍ରାଞ୍ଚ୍ ଅଭିଯୁକ୍ତମାନଙ୍କ ବିରୋଧରେ ୪୬୭/ ୪୬୮/ ୪୭୧/୪୨୦/୪୦୬/ ୧୨୦(ବି) ଆଇପିସି, ୪/୫/୬ ପ୍ରାଇସ୍ ଚିଟ୍‌ ଓ ମନି ସର୍କୁଲେସନ୍ ସ୍କିମ୍‌ସ (ବ୍ୟାନିଂ) ଆକ୍ଟ ଏବଂ ଓଡ଼ିଶା ପ୍ରୋଟେକ୍ସନ୍ ଅଫ୍ ଇନ୍‌ଟ୍ରେଷ୍ଟ ଅଫ୍ ଡିପୋଜିର୍ଟସ୍ (ଇନ୍ ଫାଇନାନ୍ସିଆଲ୍ ଏଷ୍ଟାବ୍ଲିସ୍‌ମେଣ୍ଟ) ଆକ୍ଟ ୨୦୧୧ ଆଧାରରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା ।

ଏହି ମାମଲାରେ ସ୍ୱତନ୍ତ୍ର ଚିଟ୍‌ଫଣ୍ଡ ଅଦାଲତ ସଂସ୍ଥାର ନିର୍ଦ୍ଦେଶକ ହରି ଅର୍ଜୁନ ପଣ୍ଡାଙ୍କ ଜାମିନ ଆବେଦନକୁ ଖାରଜ କରି ଦେଇଥିଲେ । ଏହାପରେ ସ୍ୱତନ୍ତ୍ର ଚିଟ୍‌ଫଣ୍ଡ ଅଦାଲତରେ ସେ ଦ୍ୱିତୀୟଥର ପାଇଁ ଜାମିନ ଆବେଦନ କରିଥିଲେ ।

ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘର ବିକ୍ଷୋଭ

ଭୁବନେଶ୍ୱର,୧୨।୨/ଏନ୍‌ଏନ୍‌ଏସ୍: ୫ ଦଫା ଦାବିରେ ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ ପ୍ରାଣୀ ଚିକିତ୍ସା ବୈଷୟିକ କର୍ମଚାରୀ ସଂଘ ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରିଛି । ଦରମା ଅସଙ୍ଗତି ଦୂରୀକରଣ, ପ୍ରାଣୀଧନ ନିରୀକ୍ଷକ କ୍ୟାଡ଼ର ପୁନର୍ଗଠନ ଓ କାର୍ଯ୍ୟ ସାରଣୀରେ ସଂଶୋଧନ ଓ ଚୁକ୍ତିଭିତ୍ତିକ ପ୍ରାଣୀଧନ ନିରୀକ୍ଷକଙ୍କୁ ୬ବର୍ଷ ଚାକିରି କାଳକୁ ଗଣନା କରି ଏମ୍‌ଏସିପି ଲାଗୁ କରିବା ଦାବିରେ ସଂଘ ବିକ୍ଷୋଭ ପ୍ରଦର୍ଶନ କରିଛି । ଦାବି ପୂରଣ ନହେଲେ ଅନିର୍ଦ୍ଦିଷ୍ଟକାଳ ପାଇଁ ଧାରଣା ଦିଆଯିବ ବୋଲି ସଂଘ ଚେତାବନୀ ଦେଇଛି । ଆଜି ବିଭିନ୍ନ ଜିଲ୍ଲାରୁ କର୍ମଚାରୀମାନେ ଲୋୟର ପିଏମ୍‌ଜିଠାରୁ ଏକ ର୍‍ୟାଲିରେ ବାହାରିଥିଲେ । ସେମାନେ ରାଜ୍ୟ ସରକାରଙ୍କ ବିରୋଧରେ ସ୍ଲୋଗାନ ଦେଇଥିଲେ । ଆଜିର ବିକ୍ଷୋଭରେ ସଭାପତି ଉପେନ୍ଦ୍ର ନାଥ ରଣା, ସମ୍ପାଦକ ବସନ୍ତ କୁମାର ସାହୁ, ପ୍ରଶାନ୍ତ ମିଶ୍ର, ପ୍ରଦୀପ ମିଶ୍ର ଓ ଲକ୍ଷ୍ମଣ ଗଡ଼ନାୟକ ପ୍ରମୁଖ ସାମିଲ୍ ଥିଲେ ।

ସୂର୍ଯ୍ୟଶକ୍ତି କୋଣାର୍କର କର୍ମକର୍ତ୍ତା ନିର୍ବାଚନ

ପୁରୀ,୧୨।୨/ଏନ୍‌ଏନ୍‌ଏସ୍: ସୂର୍ଯ୍ୟଶକ୍ତି କୋଣାର୍କର ସାଧାରଣ ସଭା ମଙ୍ଗଳ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସ୍ଥାୟୀ ସଭାପତି କାଶୀନାଥ ମିଶ୍ର ଏଥିରେ ଅଧକ୍ଷତା କରିଥିଲେ । ସାଧାରଣ ସଭାରେ ସର୍ବସମ୍ମତି କ୍ରମେ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା । କାଶୀନାଥ ମିଶ୍ର ସଭାପତି, ସିଦ୍ଧେଶ୍ୱର ପ୍ରସାଦ ପଟ୍ଟନାୟକ କାର୍ଯ୍ୟକାରୀ ସଭାପତି, ଶକ୍ତିଦେବ ଶତପଥୀ ଉପସଭାପତି, ବିଶ୍ୱନାଥ ପରିଚ୍ଛା ସାଧାରଣ ସମ୍ପାଦକ, ଜଗତବନ୍ଧୁ ପଟ୍ଟନାୟକ ଯୁଗ୍ମ ସମ୍ପାଦକ, ନିର୍ମଳ କୁମାର ପ୍ରଧାନ ସଂଗଠନ ସମ୍ପାଦକ, କୃତିବାସ କାମଲା କୋଷାଧ୍ୟକ୍ଷ, ପ୍ରଶାନ୍ତ ସେନାପତି, ଅର୍ଚ୍ଚନା ରଥ, ବିଦ୍ୟୁତଲତା ଆଚାର୍ଯ୍ୟ, ପୂର୍ଣ୍ଣେନ୍ଦୁ କୁମାର ମହାନ୍ତି, ପ୍ରେମାନନ୍ଦ ପ୍ରଧାନ, ଉପେନ୍ଦ୍ର ବିଶ୍ୱାଳ, ତ୍ରିବିକ୍ରମ ମିଶ୍ର ଓ ସଞ୍ଜୀବ କୁମାର ମହାପାତ୍ର କାର୍ଯ୍ୟକାରୀ କମିଟି ସଦସ୍ୟ ରୂପେ ନିର୍ବାଚିତ ହୋଇଥିଲେ । ସମିତିର ଉପଦେଷ୍ଟା ମଣ୍ଡଳୀରେ ବାବା ସୀତାରାମ, ବାବା ରାମଦାସ ତ୍ୟାଗୀ, ରାମକୃଷ୍ଣ ମିଶ୍ର, ରାମଚନ୍ଦ୍ର ମିଶ୍ର, ସୁରେଶଚନ୍ଦ୍ର ପଣ୍ଡା, ରମାକାନ୍ତ କର, ନିରୋଧପ୍ରଭା ପଟ୍ଟନାୟକ ଓ ଲକ୍ଷ୍ମୀକାନ୍ତ ଦାସଙ୍କୁ ଗ୍ରହଣ କରାଯାଇଥିଲା । ଏହାଛଡ଼ା ୮ଜଣ ସଭ୍ୟଙ୍କୁ ନେଇ ଶ୍ରୀମନ୍ଦିର ସୁରକ୍ଷା କମିଟି ଗଠନ କରାଯାଇଥିଲା । ଶ୍ରୀମନ୍ଦିର ଓ କୋଣାର୍କ ମନ୍ଦିର ବିଷୟରେ ଗଜପତି ମହାରାଜା, ଜଗଦଗୁରୁ ଶଙ୍କରାଚାର୍ଯ୍ୟ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଓ ରାଜ୍ୟ ସରକାରଙ୍କ ବିଭିନ୍ନ ପଦାଧିକାରୀଙ୍କ ସହିତ ମନ୍ଦିରର ସୁରକ୍ଷା ନେଇ ଆଲୋଚନା କରିବା ଏବଂ ଓଡ଼ିଶା ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ଏ ସମ୍ପର୍କିତ ମାମଲା ପରିଚାଳନା କରିବାକୁ ସ୍ଥିରୀକୃତ ହୋଇଥିଲା । ଆବଶ୍ୟକ ସ୍ଥଳେ ସଂଗଠନ ପକ୍ଷରୁ ଅହିଂସା ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । କୃତ୍ତିବାସ କାମଲାଙ୍କୁ କାଶୀନାଥ ପାଠାଗାର ସମ୍ପାଦକ ଓ ଅନୁଷ୍ଠାନ ଦ୍ୱାରା ପରିଚାଳିତ ସତ୍‌ସଙ୍ଗର କାର୍ଯ୍ୟ ପରିଚାଳନା ପାଇଁ ପ୍ରଶାନ୍ତ ସେନାପତିଙ୍କୁ ସମ୍ପାଦକରୂପେ ଦାୟିତ୍ୱ ପ୍ରଦାନ କରାଯାଇଥିଲା ।

ମହାବୀରଙ୍କ ବାର୍ଷିକ ଉତ୍ସବ ଉଦ୍‌ଯାପିତ

ଫୁଲନଖରା,୧୨।୨/ଏନ୍‌ଏନ୍‌ଏସ୍:
ମହାବୀର ମନ୍ଦିରର ଷଷ୍ଠ ବାର୍ଷିକ ଉତ୍ସବ ପାଳିତ ହୋଇଛି । ଏହି ଉପଲକ୍ଷେ ପୀଠ ପରିସରରେ ଆୟୋଜିତ ବିଶ୍ୱଶାନ୍ତି ମହାଯଜ୍ଞ ମୁଖ୍ୟ ପୂଜକ ମନୋରଞ୍ଜନ ପତିଙ୍କ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା । ଏଥିରେ ବିଜୟ ସ୍ୱାଇଁ ଓ କୁନ୍ତଳା ସ୍ୱାଇଁ କର୍ତ୍ତାଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ । ପୂର୍ଣ୍ଣାହୁତି ସନ୍ଧ୍ୟାରେ ଆଖପାଖ ଅଞ୍ଚଳରୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଅନିଲ ବେହେରା, ଦୀନବନ୍ଧୁ ସ୍ୱାଇଁ, କାଳନ୍ଦି ବେହେରା, ସବିର ଜେନା, ଲିଙ୍ଗରାଜ ସ୍ୱାଇଁ, କେଦାରନାଥ ସ୍ୱାଇଁ ପ୍ରମୁଖ ଉତ୍ସବ ପରିଚାଳନା କରିଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ ।

୧୯୯୯ ବ୍ୟାଚ୍‌ର ବନ୍ଧୁମିଳନ

ଗରିଛକ,୧୨।୨/ଏନ୍‌ଏନ୍‌ଏସ୍:
ଅମରେଶ୍ୱର ଉଚ୍ଚ ବିଦ୍ୟାଳୟର ୧୯୯୯ ମ୍ୟାଟ୍ରିକ ବ୍ୟାଚ୍‌ର ବନ୍ଧୁ ମିଳନ ଉତ୍ସବ ଗତକାଲି ଭୁବନେଶ୍ୱର ସ୍ଥିତ ଖଣ୍ଡଗିରିସ୍ଥିତ ଜୟଦେବ ବାଟିକାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ପ୍ରାୟ ଶହେରୁ ଅଧିକ ପୁରାତନ ଛାତ୍ରଛାତ୍ରୀ ନିଜ ନିଜର ପରିବାର ସଦସ୍ୟଙ୍କ ସହିତ ଯୋଗଦେଇ ପରସ୍ପରକୁ ଭେଟି ନିଜର ପୁରୁଣା ଦିନର ସ୍ମୃତି ବାଣ୍ଟିଥିଲେ । ପୁରାତନ ଛାତ୍ର ମାନସ ରଞ୍ଜନ ଦାଶ, ବିଶ୍ୱଜିତ ସାହୁ ଏବଂ ପ୍ରଫୁଲ୍ଲ ବାରିକ ଏହି ଉତ୍ସବର ଆୟୋଜନ କରିଥିଲେ ।

ଜାଗର ଦୀପ ପ୍ରଜ୍ୱଳନ

ପୁରୀ,୧୨।୨/ଏନ୍‌ଏନ୍‌ଏସ୍: ପବିତ୍ର ମହାଶିବରାତ୍ରି ଉପଲକ୍ଷେ ଶ୍ରୀଲୋକନାଥ ମନ୍ଦିର ସଂଲଗ୍ନ ପାର୍ବତୀ ସାଗରରେ ପ୍ରଜ୍ୱଳନ କରାଯାଇଛି ଜଗତ ମଙ୍ଗଳ ଜାଗର ଦୀପ । ପଙ୍କୋଦ୍ଧାର ଏକାଦଶୀ ଅବସରରେ ନଗରପାଳ ଜୟନ୍ତ କୁମାର ଷଡ଼ଙ୍ଗୀ ଏହି ଦୀପ ପ୍ରଜ୍ୱଳନ କରିଥିଲେ । ଏହି ଅବସରରେ ପବ୍ଲିକ ପ୍ରସିକ୍ୟୁଟର ବିଜୟ ମିଶ୍ର ଉପସ୍ଥିତ ଥିଲେ । ଜଗତ ମଙ୍ଗଳ ଜାଗରଦୀପ ମହୋତ୍ସବ ପରିଚାଳନା କମିଟିର କର୍ମକର୍ତ୍ତା ଓ ସଦସ୍ୟମାନଙ୍କ ଉପସ୍ଥିତିରେ ଏହି ଦୀପ ପ୍ରଜ୍ୱଳିତ କରାଯାଇଥିଲା ।

ବିଧାୟକଙ୍କ କାର୍ଯ୍ୟରେ କର୍ମୀଙ୍କ ଅସନ୍ତୋଷ

ନୟାହାଟ,୧୦।୨/ଏନ୍‌ଏନ୍‌ଏସ୍: ଗୋପବ୍ଲକର ନୟାହାଟ ଅଞ୍ଚଳରେ କାକଟପୁର ବିଧାୟକ ସୁରେନ୍ଦ୍ର ସେଠୀଙ୍କ କାର୍ଯ୍ୟକଳାପ ପ୍ରତି ଖୋଦ୍ ବିଜେଡି କର୍ମୀମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି । ଦଳୀୟ କର୍ମୀଙ୍କ ଘରେ ପଶି ମାଡ଼ମାରିବା ଘଟଣାରେ ଅଭିଯୁକ୍ତମାନଙ୍କୁ ପୁଲିସ ଗିରଫ କରୁନଥିବା ସେମାନେ ଅଭିଯୋଗ କରିଛନ୍ତି । ସୂଚନାରୁ ପ୍ରକାଶ ଯେ , ନୟାହାଟ ଫାଣ୍ଡି ଅନ୍ତର୍ଗତ ନରସିଂହପୁର ଶାସନ ଗ୍ରାମର ବିଜେଡିର ପୂର୍ବତନ ସରପଞ୍ଚଙ୍କ ସ୍ୱାମୀ ଇନ୍ଦ୍ରମଣି ବେହେରାଙ୍କ ଘରେ ପଶି ମାଡ଼ ମାରିବା ଅଭିଯୋଗରେ ୧୪ ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଥିଲା । ନିମାପଡ଼ା ଡିଏସ୍‌ପି ଘଟଣାର ତଦନ୍ତ କରୁଥିବା ବେଳେ ଇନ୍ଦ୍ରମଣି ବେହେରାଙ୍କ ପରିବାର ବିରୋଧରେ ପାଲଟା ମକଦ୍ଦମା କରାଯିବା ନେଇ ବିଜେଡି କର୍ମୀ ମହଲରେ ଅସନ୍ତୋଷ ଦେଖାଦେଇଛି । ଏ ସମ୍ପର୍କରେ କର୍ମୀମାନେ କାକଟପୁର ବିଧାୟକ ଶ୍ରୀ ସେଠୀଙ୍କୁ ଅବଗତ କରାଇବାର ୨୫ ଦିନ ପରେ ନିମାପଡ଼ା ଡିଏସ୍‌ପି ୨ ଜଣଙ୍କୁ ଗିରଫ କରିଛନ୍ତି । ମୁଖ୍ୟ ଅଭିଯୁକ୍ତଙ୍କୁ ପୁଲିସ ଗିରଫ ନକରିବାରେ ଡିଏସ୍‌ପି ବିଧାୟକ ଶ୍ରୀ ସେଠୀଙ୍କ କଥାକୁ ଶୁଣୁ ନଥିବା ନେଇ କର୍ମୀମହଲରେ ଆଲୋଚନା ଚାଲିଛି । ଆଗାମୀ ନିର୍ବାଚନରେ ବିଧାୟକଙ୍କୁ ନୟାହାଟରେ ବିରୋଧ କରାଯିବ ବୋଲି ବ୍ୟବସାୟୀ ସଂଘର ସଭାପତି କେଦାର ନନ୍ଦୀ କହିଛନ୍ତି ।

ମାଛ ଚାଷ ନାଁରେ ଲକ୍ଷ ଲକ୍ଷ ଟଙ୍କା ଚଳୁ !

ନରସିଂହପୁର,୧୨।୨/ଏନ୍‌ଏନ୍‌ଏସ୍: ମତ୍ସ୍ୟଚାଷ ବିଭାଗ ତରଫରୁ ସରକାରୀ ସବ୍‌ସିଡ୍ ଅନୁଦାନରେ କୋଟି କୋଟି ଟଙ୍କା ପୋଖରୀ ଖୋଳା ଓ ମାଛ ଚାଷ କାର୍ଯ୍ୟକ୍ରମ ପାଇଁ ଆସୁଛି । ଏହି ଅର୍ଥ ମତ୍ସ୍ୟଚାଷୀଙ୍କ କାମରେ ବିନିଯୋଗ ନ ହୋଇ ଧନୀ ଶ୍ରେଣୀର ଜମିଦାରୀମାନଙ୍କୁ ପୋଖରୀ ଖୋଳିବା ଓ ମାଛ ଚାଷ କରିବା ପାଇଁ ଟଙ୍କା ପ୍ରଦାନ କରାଯାଇଛି । ଯେଉଁ ଜମି ମାଲିକଙ୍କର ସର୍ବନିମ୍ନ ୨ ହେକ୍ଟର ଜମି ରହିଛି ସେମାନଙ୍କୁ ଏହି ସୁବିଧା ପ୍ରଦାନ କରିବା କଥା । ମାତ୍ର ଅନେକ ସ୍ଥାନରେ ଏହି ନୀତିକୁ କୋହଳ କରାଯାଇଛି । ଅନେକ ଲୋକ ନିଜର ଜମି ଦର୍ଶାଇ ଖୋଦ୍ ସରକାରୀ ଜମିରେ ପୋଖରୀ ଖୋଳି ଲକ୍ଷ ଲକ୍ଷ ଟଙ୍କା ସରକାରୀ ଅର୍ଥ ହଡ଼ପ କରିଛନ୍ତି । ଅନେକ ସ୍ଥାନରେ ଅବସରପ୍ରାପ୍ତ କର୍ମଚାରୀ ଓ ବର୍ତ୍ତମାନ ସରକାରୀ ଚାକିରୀରେ ଥିବା ବ୍ୟକ୍ତିଙ୍କୁ ଏହି ଫାଇଦା ପ୍ରଦାନ କରାଯାଇଛି । ବିଭାଗୀୟ ଅଧିକାରୀ ଏ ସବୁ କାର୍ଯ୍ୟ ନିୟମିତ ନିରୀକ୍ଷଣ କରୁନଥିବାରୁ ଏହି ସବୁ ଦୁର୍ନୀତି ବ୍ୟାପି ଚାଲିଛି । ତେଣୁ ବିଭାଗୀୟ ଅଧିକାରୀମାନେ ଏ ସବୁର ନିୟମିତ ତଦନ୍ତ କଲେ ପୋଖରୀ ଖୋଳା ଦୁର୍ନୀତୀ ଓ ମାଛ ଚାଷର ପ୍ରଗତି ସମ୍ପର୍କରେ ସୂଚନା ମିଳିପାରନ୍ତା ।

କୋଣାର୍କରେ ଗ୍ୟାସ୍ କଳାବଜାର !

କୋଣାର୍କ,୧୨।୨/ଏନ୍‌ଏନ୍‌ଏସ୍: କୋଣାର୍କରେ ଘରୋଇ ରନ୍ଧନ ଗ୍ୟାସର ବ୍ୟାପକ କଳାବଜାର ହେଉଥିବା ଅଭିଯୋଗ ହେଉଛି । ପ୍ରଶାସନ ନୀରବଦ୍ରଷ୍ଟା ରହୁଥିବାରୁ ଦଲାଲମାନେ ସକ୍ରିୟ ହୋଇପଡିଛନ୍ତି । ଅସାଧୁ ଉପାୟ ଅବଲମ୍ବନ କରି ଡିଲରଙ୍କ ଠାରୁ ଗ୍ୟାସ ଆଣି ଗ୍ରାହକଙ୍କୁ ଚଢା ଦରରେ ବିକ୍ରି କରୁଛନ୍ତି । ଏହି ଘରୋଇ ରନ୍ଧନ ଗ୍ୟାସ ବିଭିନ୍ନ ହୋଟେଲ,ବିବାହ,ବ୍ରତ କାର୍ଯ୍ୟକ୍ରମରେ ବ୍ୟବହାର ହେଉଥିବା ଦେଖିବାକୁ ମିଳୁଛି । କଳାବଜାରୀ କରୁଥିବା ଦଲାଲ ବିପଦପୂର୍ଣ୍ଣ ଭାବରେ ୧୦୦ରୁ ଅଧିକ ସିଲଣ୍ଡର ଗଛିତ ରଖି ଚଢାଦରରେ ଗ୍ରାହକଙ୍କୁ ବିକ୍ରି କରୁଛନ୍ତି । କୋଣାର୍କ ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକମାନେ ପ୍ରାୟତଃ ବେଳାମାର୍ଗ ରାମଚଣ୍ଡି ପୀଠ ପରିସରରେ ଭୋଜିର ଆୟୋଜନ କରିଥାନ୍ତି । ଏଠାରେ ଦଲାଲମାନେ ପର୍ଯ୍ୟଟକଙ୍କୁ ଚଢା ଦରରେ ଗ୍ୟାସ ବିକ୍ରି କରୁଥିବା ଜଣାପଡିଛି । କେଜି ପ୍ରତି ୧୦୦ଟଙ୍କା ଦଲାଲମାନେ ନେଉଛନ୍ତି । ଗ୍ୟାସ ବିକ୍ରି ଉପରେ କେତେକ ନୀତି ନିୟମ ରହିଥିଲେ ମଧ୍ୟ ସଚେତନତା ଅଭାବ ଏବଂ ପ୍ରଶାସନିକ ଉଦାସୀନତା ଯୋଗୁ ଦଲାଲମାନେ ଗ୍ୟାସକୁ ବେଆଇନ ଭାବେ ଗଛିତ ରଖି ଚଢା ଦରରେ ବିକି ଅଧିକ ଲାଭବାନ ହେଉଛନ୍ତି । ଏ ସମ୍ପର୍କରେ ଯୋଗାଣ ନିରିକ୍ଷକ ଶାନ୍ତନୁ ମିଶ୍ରଙ୍କୁ ପଚାରିବାରେ ଆମ ପାଖରେ ଏ ସମ୍ପର୍କରେ କୌଣସି ଅଭିଯୋଗ ନାହିଁ । ଅଭିଯୋଗ ହେଲେ ଚଢାଉ କରାଯିବ ବୋଲି ସେ କହିଛନ୍ତି ।